# NATIONAL NEWS BULLETIN (ODIA)
## 29th August - 2026
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## <u>ମୁଖ୍ୟ ସମ୍ବାଦ</u>

- ଉଜ୍‌ବେକିସ୍ତାନକୁ ଦୁଇଦିନିଆ ଗସ୍ତରେ ଯାଇ ତାସ୍‌କେଣ୍ଟଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

— ଆସନ୍ତାକାଲି ଉଜ୍‌ବେକିସ୍ତାନ ରାଷ୍ଟ୍ରପତିଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା ।

- ତତ୍କାଳ ମାନବୀୟ ସହାୟତାପାଇଁ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଚ ପ୍ରଶଂସା କଲେ ନେପାଳ ସରକାର ।

- ସିକାଗୋଠାରେ ପ୍ରମୁଖ ନିବେଶକ ଓ ବ୍ୟବସାୟୀ କ୍ଷେତ୍ରର ନେତୃମଣ୍ଡଳୀଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଅଂଶଗ୍ରହଣ କଲେ ଅର୍ଥମନ୍ତ୍ରୀ ।

- ୟୁକ୍ରେନ୍‌ର ବୁଚା ଜିଲ୍ଲାରେ ରୁଷ୍ ଆକ୍ରମଣରେ ୩୭ ଜଣଙ୍କର ମୃତ୍ୟୁ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ଆରମ୍ଭ ହେବ ଭାରତର ଅଭିଯାନ ।

## ପି.ଏମ୍. - ତାସ୍କେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଚାରିଦିନିଆ ଉଜ୍‌ବେକିସ୍ତାନ ଓ କିର୍‌ଗିଜ୍‌ସ୍ତାନ ଗସ୍ତରେ ଯାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଉଜ୍‌ବେକିସ୍ତାନକୁ ଦୁଇଦିନିଆ ଗସ୍ତରେ ଯାଇ ଶ୍ରୀ ମୋଦି ରାଜଧାନୀ ତାସ୍କେଣ୍ଟଠାରେ ପହଞ୍ଚିଛନ୍ତି । ସେଠାରେ ରାଷ୍ଟ୍ରପତି ଶାଭକାତ୍ ମିର୍ଜିୟୋ-ୟେଭ୍' ଶ୍ରୀ ମୋଦିଙ୍କୁ ସ୍ୱାଗତ କରିଛନ୍ତି । ବିଭିନ୍ନ ଦ୍ୱିପାକ୍ଷିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦି ଚତୁର୍ଥ ଥରପାଇଁ ଉଜ୍‌ବେକିସ୍ତାନ ଗସ୍ତରେ ଯାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାପାଇଁ ତାସ୍କେଣ୍ଟ ସହରକୁ ଭାରତୀୟ ପତାକା ଏବଂ ବ୍ୟାନର୍‌ରେ ସଜ୍ଜିତ କରାଯାଇଛି । ଆସନ୍ତାକାଲି ଶ୍ରୀ ମୋଦି ଏବଂ ରାଷ୍ଟ୍ରପତି ଶ୍ରୀ ମିର୍ଜିୟୋ-ୟେଭ୍‌ଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହେବ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ମୋଦି ଆସନ୍ତା ସୋମବାର ଦିନ କିର୍‌ଗିଜ୍‌ସ୍ତାନରେ ପହଞ୍ଚିବେ ।

# ନେପାଳ - ପି.ଏମ୍. - ଫ୍ଲଡ୍

ନେପାଳ ବନ୍ୟାରେ ଭାରତ ତତ୍କାଳ ମାନବୀୟ ସହାୟତା ଯୋଗାଇ ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଦାନ୍ୟତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ନେପାଳ ଉଚ୍ଚ ପ୍ରଶଂସା କରିଛି । ନେପାଳ ବନ୍ୟାରେ ଅଦ୍ୟାବଧି ୬୨୬ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ନେପାଳର ଅର୍ଥମନ୍ତ୍ରୀ ସ୍ୱର୍ଣ୍ଣିମ ଓ୍ୱାଗ୍ଲେ କହିଛନ୍ତି,  ନୂଆଦିଲ୍ଲୀ ପକ୍ଷରୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଇଛି । ବନ୍ୟା ପରବର୍ତ୍ତୀ ସ୍ଥିତିର ସୁଧାରକୁ ଦୃଷ୍ଟିରେ ରଖି ନେପାଳର ପୁନର୍ଗଠନ କ୍ଷେତ୍ରରେ ଭାରତ ବିଶେଷ ସହଯୋଗ କରିବ ବୋଲି ସଙ୍କେତ ଦେଇଥିବା ଶ୍ରୀ ଓ୍ୱାଗ୍ଲେ କହିଛନ୍ତି । ଗତ ବୁଧବାରଠାରୁ ମାନବୀୟ ସହାୟତାସ୍ୱରୂପ ଭାରତ’ ନେପାଳକୁ ୫୭ ଦଶମିକ ୬ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି । କାଠମାଣ୍ଡୁର ଅନୁରୋଧକ୍ରମେ ଭାରତ ୧୧ ସଦସ୍ୟବିଶିଷ୍ଟ ଏକ ଡାକ୍ତରୀ ଏବଂ ସୁଡ଼ଙ୍ଗ ଉଦ୍ଧାରକାରୀ ବିଶେଷଜ୍ଞ ଦଳ ପଠାଇଛି ।

# ଇଣ୍ଡିଆ-ନେପାଳ ଫ୍ଲାଶ୍ ଫ୍ଲଡ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଏପର୍ଯ୍ୟନ୍ତ ୮୮ ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ୨୮୭ ଜଣ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି । ରସୁଓ୍ୱା'ର ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରୁ ୪ ଜଣ ଭାରତୀୟ ନାଗରିକଙ୍କୁ ଆଜି ଉଦ୍ଧାର କରାଯାଇଛି । ୧୨୦ ଜଣ ଭାରତୀୟ ନାଗରିକ ଚୀନ୍ ପଟୁ ନେପାଳକୁ ପ୍ରବେଶ କରିଛନ୍ତି ବୋଲି ଶ୍ରୀ ଜୟସ୍ୱାଲ୍ କହିଛନ୍ତି । ଉଦ୍ଧାର କରାଯାଇଥିବା ମୃତଶରୀରଗୁଡ଼ିକୁ ଚିହ୍ନଟପାଇଁ ଡି.ଏନ୍.ଏ. ନମୁନା ପରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଏଥିପାଇଁ ଭାରତରୁ ୬ଟି ଫୋରେନ୍‌ସିକ ଦଳ ଆଜି କାଠମାଣ୍ଡୁ ଗସ୍ତ କରିବେ ବୋଲି ଶ୍ରୀ ଜୟସ୍ୱାଲ୍ ସୂଚନା ଦେଇଛନ୍ତି ।

## ରାଜନାଥ - ନେପାଳ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ନେପାଳରେ ସୃଷ୍ଟି ହୋଇଥିବା ସଙ୍କଟମୟ ପରିସ୍ଥିତିପାଇଁ ଭାରତ ଚିନ୍ତାପ୍ରକଟ କରିଛି । ଲକ୍ଷ୍ନୌଠାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାବେଳେ ଶ୍ରୀ ସିଂହ କହିଛନ୍ତି, ଭାରତ' ନେପାଳକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି । ଭାରତ ତା'ର ପଡ଼ୋଶୀ ଦେଶ ନେପାଳକୁ ମାନବିକ ସହାୟତା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୩୭ତମ ମନ କି ବାତ୍ କାର୍ଯ୍ୟକ୍ରମ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଭି.ପି. - କେରଳମ୍ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲିଠାରୁ ଦୁଇଦିନିଆ କେରଳମ୍ ଗସ୍ତରେ ଯିବେ । କେରଳମ୍‌ର ଆଲାପୁଝାଠାରେ ପ୍ରକାଶିତ ହେଉଥିବା ମାଲାୟାଲମ୍ ଦୈନିକ ପ୍ରମୁଖ ଖବରକାଗଜ 'କେରଳ କୌମୁଦୀ'ର ୧୧୫ତମ ବାର୍ଷିକ ସମାରୋହରେ ଯୋଗଦେବେ । ପରେ ପରେ ଉପରାଷ୍ଟ୍ରପତି ପଥନମ୍‌ଥିଟ୍ଟାସ୍ଥିତ ବହୁ ପୁରାତନ ଏବଂ ମର୍ଯ୍ୟାଦାଜନକ ଅରନ୍‌ମୁଲା ୱାଟର ଫେଷ୍ଟିଭାଲର ଉଦ୍‌ଘାଟନ କରିବେ । ସ୍ଥାନୀୟ ପମ୍ପା

ନଦୀରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଜଳକ୍ରୀଡ଼ାରେ ୫୧ଟି ସ୍ନେକ୍ ବୋଟ୍ ଅଂଶଗ୍ରହଣ କରିବେ । ପରେ ପରେ ଉପରାଷ୍ଟ୍ରପତି ତିରୁଓ୍ୱନନ୍ତପୁରମ୍‌ରେ ଓଣମ୍ ପର୍ଯ୍ୟଟନ ସପ୍ତାହ ସମାପନ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଉପରାଷ୍ଟ୍ରପତି ଆସନ୍ତା ସୋମବାର ଦିନ ଲାକ୍ଷାଦ୍ୱୀପର ଅଗତ୍ତି ଗସ୍ତ କରିବେ । ସେଠାରେ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଗୋପାଳନ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବେ । ଗସ୍ତ କାର୍ଯ୍ୟକ୍ରମ ଶେଷକରି କେରଳମ୍ ପ୍ରତ୍ୟାବର୍ତ୍ତନ କରି କୋଚି କାକାନଡ଼ସ୍ଥିତ ରାଜଗିରି School of Engineering and Technologyଦ୍ୱାରା ଆୟୋଜିତ ରୌପ୍ୟଜୟନ୍ତୀରେ ଯୋଗଦେବେ ।

## ସୀତାରମଣ - ୟୁ.ଏସ୍. ଭିଜିଟ୍

ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକପାଇଁ ଭାରତ ଏକ ବୃହତ୍ ବଜାର କ୍ଷେତ୍ର ପ୍ରଦାନ କରୁଛି ବୋଲି ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଆମେରିକାର ସିକାଗୋଠାରେ ପ୍ରମୁଖ ନିବେଶକ ଏବଂ ବ୍ୟବସାୟୀ କ୍ଷେତ୍ରର ନେତୃମଣ୍ଡଳୀଙ୍କ ଏକ ଉଚ୍ଚସ୍ତରୀୟ ଗୋଲ୍‌ଟେବୁଲ୍ ବୈଠକକୁ ସମ୍ବୋଧନ କରି ଅର୍ଥମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି,

ଦୀର୍ଘକାଳୀନ ନିବେଶ ଏବଂ ବ୍ୟବସ୍ଥିତ ପରିଚାଳନା କ୍ଷେତ୍ରପାଇଁ ଭାରତ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରୁଛି । ସଂସ୍କାରଭିତ୍ତିକ ଅଭିବୃଦ୍ଧି ଏବଂ ବ୍ୟବସାୟ କ୍ଷେତ୍ରରେ ଗତିଶୀଳତା ଆଧାରରେ ବ୍ୟାପକ ନିବେଶ କ୍ଷେତ୍ର ଉପରେ ଅର୍ଥମନ୍ତ୍ରୀ ଆଲୋକପାତ କରିଛନ୍ତି । 'ଭାରତରେ ଉତ୍ପାଦନ-ଭାରତପାଇଁ ଏବଂ ବିଶ୍ୱପାଇଁ' ଶୀର୍ଷକ ପ୍ରସଙ୍ଗ ଉପରେ ଏହି ବୈଠକରେ ଆଲୋଚନା ହୋଇଛି । ଉତ୍ପାଦନ କ୍ଷେତ୍ର, କୃତ୍ରିମ ବୁଦ୍ଧିମତ୍ତା, ଆଧୁନିକ ପ୍ରଯୁକ୍ତିବିଦ୍ୟା, ଆର୍ଥିକ ସେବା, ଭିତ୍ତିଭୂମି, ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଆଦି କ୍ଷେତ୍ରରେ ରହିଥିବା ସୁଯୋଗ ଉପରେ ଅର୍ଥମନ୍ତ୍ରୀ ବୈଠକରେ ସୂଚନା ପ୍ରଦାନ କରିଛନ୍ତି । ବୈଷୟିକ ଗବେଷଣା, ସେମି-କଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆଧାରିତ ନବସୃଜନ କ୍ଷେତ୍ରରେ ଭାରତ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ରୁଷ୍-ୟୁକ୍ରେନ୍ ଆଟାକ୍

ୟୁକ୍ରେନ୍ ରାଜଧାନୀ କିଭ୍ ନିକଟବର୍ତ୍ତୀ ବୁଚା ଜିଲ୍ଲାରେ ରୁଷ ଆକ୍ରମଣ ଫଳରେ ଅତିକମ୍‌ରେ ୩୭ ଜଣଙ୍କର ପ୍ରାଣହାନି ଘଟିଥିବା ସରକାରୀଭାବେ କୁହାଯାଇଛି । ସ୍ଥାନୀୟ ମିଲିଟାରୀ ପ୍ରଶାସନ ସୂତ୍ରରୁ ଜଣାଯାଇଛି, ଅନ୍ୟୂନ ୫୦ଟି ଆବାସିକ ଅଟ୍ଟାଳିକା କ୍ଷତିଗ୍ରସ୍ତ ହୋଇଛି । ୟୁକ୍ରେନ୍ ରାଷ୍ଟ୍ରପତି

ଭୋଲଦିମିର ଜେଲେନେସ୍କି ଏକ ବିବୃତ୍ତିରେ କହିଛନ୍ତି, ଏହି ଆକ୍ରମଣ ଯୋଗୁଁ ମାଇଲା ଗ୍ରାମରେ ଥିବା ଏକ ଗୋଦାମରେ ବିସ୍ଫୋରଣ ଘଟିଛି । ଏପରିକି ବୟୋଜ୍ୟେଷ୍ଠ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରୟସ୍ଥଳୀ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଶ୍ରୀ ଜେନେଲେସ୍କି କହିଛନ୍ତି ।

## ୟୁ.ଏସ୍. - ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀ ଉପରେ ନିଷ୍ପତ୍ତିମୂଳକ ନିୟନ୍ତ୍ରଣ ରଖାଯାଇଛି ବୋଲି ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପ୍ସ ଦାବି କରିଛି । ଆମେରିକାର ନିୟନ୍ତ୍ରଣ ସଂକ୍ରାନ୍ତ ଦାବିକୁ କର୍ପ୍ସ ଖଣ୍ଡନ କରିଛି । ଏକ ବିବୃତ୍ତିରେ କର୍ପ୍ସର ନୌସେନା କହିଛି, ଇରାନ୍ ସହିତ ସମନ୍ୱୟ ରକ୍ଷା ନ କରି ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ଜାହାଜଗୁଡ଼ିକ ପାଇଁ ଏହା ବନ୍ଦ ରହିଛି । ଆମେରିକା ପ୍ରତିଶ୍ରୁତି ପାଳନ ନ କରିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି କର୍ପ୍ସ ଘୋଷଣା କରିଛି । ସଂଘର୍ଷ ଆରମ୍ଭ ହେବାର ୬ ମାସ ବିତିଥିଲେ ମଧ୍ୟ ଯୁଦ୍ଧ ବିରତି ନେଇ ବିଶେଷ ଅଗ୍ରଗତି ହୋଇ ନାହିଁ । ଅର୍ଥନୈତିକ ଡି–ଡେ ଘୋଷଣା ମାଧ୍ୟମରେ ଇରାନ୍‌କୁ ଆର୍ଥିକ ଭାବେ କବଳିତ କରିବାକୁ ଆମେରିକା ପ୍ରଶାସନ ପ୍ରୟାସ କରୁଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଇରାନ୍ କ୍ୟାବିନେଟ୍ କହିଛି, ଏଭଳି ଆର୍ଥିକ ଚାପକୁ ସମାଧାନ କରିବାପାଇଁ

ଲକ୍ଷ୍ୟଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ମୁଦ୍ରାସ୍ଫୀତିକୁ ପ୍ରତିହତ କରିବା ସହ ବଜାର ପରିଚାଳନା ଏବଂ ନିଯୁକ୍ତି କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଇରାନ ସୂଚନା ଦେଇଛି ।

## ଏନ୍.ଟି.ଏ. - ଆନ୍ସର ସିଟ୍

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.' ଯୁଗ୍ମ CSIR-UGC ନେଟ ପରୀକ୍ଷାର ସମସ୍ତ ୫ଟି ବିଷୟ ନିମନ୍ତେ ଆଜି ଉତ୍ତର ସୂଚୀ ପ୍ରକାଶ କରିଛି । ଅନ୍‌ଲାଇନ୍‌ରେ ପ୍ରକାଶିତ ଏହି ସୂଚୀକୁ ଜାଣିବାପାଇଁ ପରୀକ୍ଷାର୍ଥୀମାନେ ଲଗ୍ ଇନ୍ କରିବାକୁ ଏନ୍.ଟି.ଏ. ପକ୍ଷରୁ ପରାମର୍ଶ ଦିଆଯାଇଛି । ତେବେ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ପ୍ରକାର ସୂଚନାପାଇଁ ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ବିବରଣୀକୁ ଗ୍ରହଣ କରିବାକୁ ଏନ୍.ଟି.ଏ. କହିଛି । ଆବଶ୍ୟକସ୍ଥଳେ ଏନ୍.ଟି.ଏ. ହେଲ୍‌ପ୍ ଡେକ୍ସ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

## କ୍ରିକେଟ୍ - ୱିମେନ୍ସ ଟି-୨୦ ଏସିଆ କପ୍

ମିହଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆସନ୍ତାକାଲି ଭାରତ ଅଭିଯାନ ଆରମ୍ଭ କରିବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍

ଷ୍ଟାଡିୟମଠାରେ ଭାରତ' ଥାଇଲାଣ୍ଡକୁ ଭେଟିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ହର୍ମନ୍‌ପ୍ରୀତ୍ କୌର୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଏକ ସଫଳ ଦଳ ଭାବେ ଅନ୍ତର୍ଭୁକ୍ତ ହୋଇଛି । ଆଜି ଶ୍ରୀଲଙ୍କା ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଚଳିତ ସଂସ୍କରଣରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ପାକିସ୍ତାନ, ହଂକଂ ଏବଂ ଥାଇଲାଣ୍ଡ ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନିତ ହୋଇଥିବାବେଳେ ଶ୍ରୀଲଙ୍କା, ବାଂଲାଦେଶ, ସଂଯୁକ୍ତ ଆରବ ଏମିରେଟ୍‌ସ ଏବଂ ଇଣ୍ଡୋନେସିଆ ଗ୍ରୁପ୍-ବି'ରେ ରହିଛନ୍ତି ।

*****